### ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା

# ୪ଦଫା ଦାବିରେ ଜେଏମ୍‌ଏମ୍‌ର ବିକ୍ଷୋଭ

ବାରିପଦା,୨୨।୪(ସମିସ):

ବୁଧବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଦଳ ତରଫରୁ ବାରମ୍ବାର ଆଶ୍ରମସ୍କୁଲ ଓ ହଷ୍ଟେଲ ଗୁଡିକରେ ଅଘଟଣ ଓ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଅବନତିକୁ ନେଇ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ




ବସିଥିଲେ। ଉକ୍ତ ସଭାରେ ପ୍ରବଳ ଖରାକୁ ଖାତିର ନକରି ହଜାରେରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ସରକାରଙ୍କ ସମ୍ମୁଖରେ ୪ଦଫା ଦାବି ରଖିଥିଲେ। ଦାବି ଗୁଡିକ ମଧ୍ୟରେ ରାସଗୋବିନ୍ଦପୁର ସ୍ଥିତ କାକବନ୍ଧ ଆଶ୍ରମ ସ୍କୁଲର ଛାତ୍ରୀ ରୁପାଲୀ ବେଶ୍ରା ମୃତ୍ୟୁର ସିବିଆଇ ତଦନ୍ତ ଓ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ, ବାରମ୍ବାର ଏଭଳି ଘଟଣା ନ ଘଟିବା ପାଇଁ ନିୟମିତ ଯାଞ୍ଚ କଡ଼ାକଡ଼ି ସହିତ ହଷ୍ଟେଲ ଗୁଡ଼ିକରେ ପିଲାଙ୍କର ପିଇବା ପାଣି, ଖାଦ୍ୟ ଓ ଶରୀରର ଯାଞ୍ଚ କରିବା, ଜିଲ୍ଲାରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଗୁଡିକରେ ଖାଲି ଥିବା ସମସ୍ତ ଡାକ୍ତର ପଦବୀ ପୂରଣ ସହିତ ଏକ୍ସରେ ଓ ଅଲଟ୍ରାସାଉଣ୍ଡ ମେସିନ ସ୍ଥାପନ ଆଦି ରହିଛି।

ଏହି ପରିପ୍ରେକ୍ଷୀରେ ଜେଏମ୍‌ଏମ୍ ଦଳ ଆଜିକୁ ୩୭ ଦିନ ହେବ ମୋରଡ଼ା ବ୍ଲକ ସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାରଣା ଦେଇଆସୁଛି। କିନ୍ତୁ କିଛି ସୁଫଳ ମିଳୁନାହିଁ। ଉପରୋକ୍ତ ଅଘଟଣ ଓ ମୋରଡା ଅଞ୍ଚଳର ସ୍ୱାସ୍ଥ୍ୟ ସେବାର ଅବନତି ପାଇଁ ମୋରଡା ବିଧାୟକ ତଥା ମନ୍ତ୍ରୀଙ୍କ ଇସ୍ତଫା ଏବଂ ସମଗ୍ର ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଅବନତି ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବକ୍ତାମାନେ ଉପରୋକ୍ତ ଦାବି ଗୁଡିକୁ ପୂରଣ କରିବାକୁ ଅନୁରୋଧ କରିଥିଲେ। ନଚେତ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ ଦେଇଛି।

ସଭାପତି ଶ୍ରୀଦାସ କହିଥିଲେ ଡବଲ ଇଞ୍ଜିନ ସରକାର ସ୍ଥାଣୁ ପାଲଟିଛି। ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗରେ ମୁଖ୍ୟତଃ ସରକାର ସମ୍ପୂର୍ଣ୍ଣ ବିଫଳ। କାର୍ଯ୍ୟକ୍ରମରେ ଜିଲ୍ଲା ସଂଗଠନ ସମ୍ପାଦକ ରାଧାଶ୍ୟାମ ପାତ୍ର, ସହର ସଭାପତି ତୋରନ ସେନାପତି, ବରିଷ୍ଠ ନେତା ଦିବାକର ସୋରେନ, ସୁଜିତ ବେହେରା, ସଉନା ସୋରେନ, କର ହେମ୍ବ୍ରମ, ବାଙ୍ଗିରିପୋଷି ସଭାପତି ରୋହିତ ହାଁସଦା, ଖୁଣ୍ଟା ସଭାପତି ବିକ୍ରମ ହାଁସଦା, ବାରିପଦାର ପାରନ ହେମ୍ବ୍ରମ, ସରୋଜ ଦାସ, ଅଭିଷେକ ଦଣ୍ଡପାଟ ଓ ବବଲୁ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସଭାକୁ ଯୁବନେତା ସିପୁ ମୁଦୁଲି ପରିଚାଳନା କରିଥିଲେ। ସଭା ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ବିକ୍ଷୋଭ ସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଗ୍ରହଣ କରିଥିଲେ।

## ଜାତୀୟ ରାଜପଥ କଡ଼ରେ ବିପଦ ସାଜିଛି ଶୁଖିଲା ଗଛ



କୁଳିଅଣା,୨୨।୪(ସମିସ): ୧୮ ନଂ ଜାତୀୟ ରାଜପଥର କୁଳିଅଣା ଛକ ପାଶ୍ୱର୍ରେ ଦଣ୍ଡାୟମାନ ରହିଛି କିଛି ଶୁଖିଲା ୟୁକାଲିପଟାସ ଗଛ। ଏବେ ପଥଚାରି ଓ ଯାତ୍ରୀଙ୍କ ପାଇଁ ଜମ ସାଜି ଜଗିଛି। ଗଛଗୁଡିକ ସମ୍ପୂର୍ଣ ଶୁଖି ଯାଇଥିବାବେଳେ, ବର୍ତ୍ତମାନ ଝଡ଼ତୋଫାନ ଏବଂ ପବନ ସମୟରେ ଯେ କୌଣସି ମୁହୂର୍ତ୍ତରେ ଭାଙ୍ଗି ପଥଚାରୀଙ୍କ ପାଇଁ ବଡ଼ ବିପଦ ସାଜିପାରେ। ପ୍ରତିଦିନ ଏହି ବ୍ୟସ୍ତ ବହୁଳ ରାସ୍ତାରେ ଶହ ଶହ ଗାଡି ମୋଟର ଯାତାୟତ କରୁଛି। ସବୁଦେଖି ମଧ୍ୟ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ଚୁପ୍ ରହୁଥିବା ସାଧାରଣରେ ଅଭିଯୋଗ ହେଉଛି। କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ନେଲେ ଅର୍ଥାତ ଶୁଖିଲା ଗଛ ଗୁଡିକୁ କାଟିବା ବ୍ୟବସ୍ଥା କଲେ ଏକ ସମ୍ଭାବ୍ୟ ବିପଦକୁ ଏଡାଇ ଦିଆଯାଇପାରିବ ବୋଲି ସାଧାରଣରେ ଦାବି ହେଉଛି।

## ଅବସର ପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ବେତନଟୀ,୨୨।୪(ସମିସ): ବେତନଟୀ ବ୍ଲକ ଦହିକୋଟୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭୀମଚରଣ ଓତା (୯୭)ଙ୍କର ବୁଧବାର ସକାଳ ୧୦ଟା ୧୫ରେ ନିଜ ବାସଭବନରେ ପରଲୋକ ଘଟିଛି। ସେ ଦେଉଳି ଓ ଚାକୁନ୍ଦାପଦା ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରି ଚାକୁନ୍ଦାପଦା ମଇ ବିଦ୍ୟାଳୟରୁ ୧୯୮୭ ମସିହା ନଭେମ୍ବର ୩୦ରେ ଅବସର ଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଚାରି ଝିଅ, ଜ୍ୱାଇଁଙ୍କାନ, ବାବି, ପୁତୁରା ଅଶୋକ, ଅରୁଣ, ଅଜିତ, ବୋହୁ ଲିଲି, ଜୋସ୍ନା ଓ ନାତି, ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ଏକମାତ୍ର ପୁତ୍ର ଅମୀୟ ମୁଖାଗ୍ନି ଦେଇଥିଲେ।

## ପୁଣି ବାଲିବୋଝେଇ ହାଇୱା ଜବତ

### ● ଝାଡ଼ଖଣ୍ଡକୁ ହେଉଥିଲା ବାଲି ଚାଲାଣ

ରାଇରଙ୍ଗପୁର,୨୨।୪(ସମିସ): ବାମନଘାଟି ଉପଖଣ୍ଡରେ ବାଲି ମାଫିଆ ମାନେ ସକ୍ରିୟ ଥିବା ବେଳେ ବେଆଇନ ଲଘୁ ଖଣିଜ ଝାରଖଣ୍ଡକୁ ଚୋରା ଚାଲାଣ ବେଳେ ତିରିଂ ପୋଲିସ ହାଇୱା ଜବତ କରିଛି। ତିରିଂ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରି ପୋଡାପଟୁ ନଦୀ ଘାଟରୁ ବାଲି ଉତ୍ତୋଳନ କରି ଝାଡ଼ଖଣ୍ଡ ଯାଉଥିବା ବେଳେ ହାଇୱାକୁ ଅଟକାଇଥିଲା। ଆବଶ୍ୟକୀୟ କାଗଜପତ୍ର ନଥିବାରୁ ଗାଡ଼ିଟିକୁ ଜବତ କରାଯାଇଥିଲା। ମଦନ ମୋହନ ସୋରେନ ନାମକ ବ୍ୟକ୍ତି ଜିରେଇ ଗ୍ରାମ ନିକଟସ୍ଥ ନଦୀ ଘାଟରୁ ବେଆଇନ ଭାବେ ହାଇୱାରେ ବାଲି ଉତ୍ତୋଳନ କରି ପ୍ରଦାନ କରିଥିବା ଜଣାପଡିଛି। ଗାଡ଼ି ଚାଳକ ଝାରଖଣ୍ଡ ରାଜ୍ୟର ଇଷ୍ଟ ସିଂଭୂମ ଅଞ୍ଚଳର କୋୱାଲି ଥାନା ଅନ୍ତର୍ଗତ ହଳଦୀପୋଖରୀ ଗ୍ରାମର ସନାତନ କାଳନ୍ଦୀ(୩୦)କୁ ଗିରଫ କରାଯାଇଛି। ଏନେଇ ତିରିଂ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଜାତୀୟ ଦାବି ଦିବସ ପାଳିତ



ବଡ଼ସାହି, ୨୨।୪(ସମିସ): ଅଖିଳ ଭାରତ ରାଜ୍ୟ ପେନସନର ମହାସଂଘର ଦ୍ୱିତୀୟ ଜାତୀୟ ସମ୍ମିଳନୀରେ ଗୃହୀତ ପ୍ରସ୍ତାବ ଅନୁପାଳନ କ୍ରମେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ନିଷ୍ପତ୍ତି ଓ ଡକରାକୁ ନେଇ ସ୍ଥାନୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ସଂଘର ସଭାପତି ରଣଜିତ କୁମାର ଦାସଙ୍କ ନେତୃତ୍ୱରେ ଜାତୀୟ ଦାବି ଦିବସ ପାଳନ କରାଯାଇଛି। ଏହି ଅବସରରେ ସଂଘର ଏକ ଦଳ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ଗୋଟିଏ ଲେଖାଏଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅର୍ଥ ଆଇନ୍ ୨୦୨୫ ଅବିଳମ୍ବେ ପ୍ରତ୍ୟାହାର, ଏନ୍‌ପିଏସ୍ /ୟୁପିଏସ୍ ବଦଳରେ ପୁରୁଣା ସ୍ଥିରୀକୃତ ପେନସନ୍ ବା ଓପିଏସ୍ ଲାଗୁ କରିବା, ୨୦୨୫ ଡିସେମ୍ବର ୩୧ ତାରିଖ ପୂର୍ବରୁ ଅବସର ନେଇଥିବା ସମସ୍ତଙ୍କୁ ୮ମ ବେତନ ଆୟୋଗଙ୍କ ସୁପାରିଶ ଲାଗୁ କରିବା, କେନ୍ଦ୍ର କର୍ମଚାରୀଙ୍କ ସହିତ ସମାନ ହାରରେ ରାଜ୍ୟ ପେନସନଭୋଗୀଙ୍କୁ ସମସ୍ତ ବାକିଆ ମହଙ୍ଗା ଭତ୍ତା ପ୍ରଦାନ, କୋଭିଡ୍ ସମୟର ବାକିଥିବା ୧୮ ମାସର ମହଙ୍ଗା ଭତ୍ତା ସୁଧ ସହିତ ପ୍ରଦାନ, କମ୍ୟୁଟେସନ୍ ଦେୟର ଅବଧି ୧୦ ବର୍ଷ ୮ ମାସକୁ ହ୍ରାସ, ପୂର୍ବ ପରି ରେଳଯାତ୍ରାରେ ରିହାତି ସହିତ ରାଜ୍ୟର ସମସ୍ତ ବସ୍‌ରେ ଯାତ୍ରା ସମୟରେ ରିହାତି ପ୍ରଦାନ, କେନ୍ଦ୍ର ଅନୁରୂପ ରାଜ୍ୟ ପେନସନରଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଭୁକ୍ତ କରିବା, ଚିକିତ୍ସା ଭତ୍ତା ପ୍ରଦାନ, ୨୦୨୦ ନୂଆ ଶିକ୍ଷାନୀତି ବାତିଲ କରିବା, ପେନସନ ଉପରୁ ଆୟକର କାଟିବା ବନ୍ଦ କରିବା ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ବେହେରା, ରାଜେନ୍ଦ୍ର କୁମାର ଜେନା, ଯୋଗେଶ୍ୱର ମିଶ୍ର, ପ୍ରଶାନ୍ତ କୁମାର ବେହେରା ଓ ସଚୀନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ



କପ୍ତିପଦା,୨୨।୪ (ସମିସ): ମଙ୍ଗଳବାର ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ କରାଯାଇଛି। ସମାଜସେବୀ ଭାସ୍କର ବେଜଙ୍କ ତତ୍ତ୍ୱାବଧାନରେ କପ୍ତିପଦା ଗାନ୍ଧୀ ଛକ ନିକଟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅଞ୍ଚଳ ସଫେଇ କରାଯାଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଚନ୍ଦନ ଧୂପ ଦେଇ ଫୁଲମାଳ ପ୍ରଦାନ କରାଯାଇଥିଲା। ସେହିପରି ଶିକ୍ଷକ ଗୋଲକ ଚନ୍ଦ୍ର ବେଜଙ୍କ ତତ୍ତ୍ୱାବଧାନରେ ଛକରେ ଥିବା ଗାନ୍ଧୀ, ଗୋପବନ୍ଧୁ ଓ ଅଶୋକ ସ୍ତମ୍ଭ ଅଞ୍ଚଳ ସଫେଇ କରାଯାଇ ମାଲ୍ୟାର୍ପଣ କରାଯାଇଥିଲା। ଆଶିଷ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାଘାଯତୀନ ପଡିଆରେ ବାଘାଯତୀନ ପ୍ରତିମୂର୍ତ୍ତି, ନୁଦଡିହା ଓ ସୋଲଗଡିଆ ଗ୍ରାମରେ ଲାଲବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ନିକଟରେ ସଫେଇ ଓ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର ବିଶ୍ୱ ଯେଉଁ ଦିବସ ପାଳନ କରୁଛି, ତାହା ସର୍ବପ୍ରଥମେ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହୋଇଥିବାରୁ ଏହା ବିଶ୍ୱ ଦରବାରରେ ଜିଲ୍ଲାର ଗୌରବ ବୋଲି ଶ୍ରୀ ବେଜ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ସମାଜସେବୀ ପ୍ରଦୀପ ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ କପ୍ତିପଦା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିଙ୍ଗ୍ରାଏ ମୁର୍ମୁ, ଶିକ୍ଷକ ଗୋଲକ ବେଜ, ରାଜକିଶୋର ବେହେରା, ରାଜେନ୍ଦ୍ର ଶତପଥୀ, ସଦାନନ୍ଦ ସାହୁ, ଗଦାଧର ଦାସ, ସୁମନ୍ତ ମହାନ୍ତି, ଦୀପକ ମହାନ୍ତି, ଅକ୍ଷୟ ମିଶ୍ର, ପ୍ରମୋଦ ଦାସ ଓ କପ୍ତିପଦା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

### ● ପଛୁଆ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ

## ସାଇ ନର୍ସିଂହୋମ୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ବାରିପଦା, ୨୨।୪(ସମିସ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସୁନାମ ସାଉଁଟିଥିବା ପ୍ରତିଷ୍ଠାନ ସାଇ ନର୍ସିଂ ହୋମ ଓ ଐଶ୍ୱର୍ଯ୍ୟଲକ୍ଷ୍ମୀ ଚାରିଟେବଲ ଟ୍ରଷ୍ଟର ମିଳିତ ଉଦ୍ୟମରେ ବୁଧବାର ସାରସକଣା ବ୍ଲକ ଅନ୍ତର୍ଗତ ପାକଟିଆ ଅଞ୍ଚଳରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେଇଯାଇଛି। ସାଇ ନର୍ସିଂହୋମ ବରିଷ୍ଠ ଡାକ୍ତର ପୁରୁଷୋତ୍ତମ ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ୩ ଜଣିଆ ଡାକ୍ତରୀ ଟିମ୍ ସହ ହସ୍ପିଟାଲର ୮ଜଣ କର୍ମଚାରୀଙ୍କୁ ନେଇ ଆୟୋଜିତ ଏହି ଶିବିରରେ ମୋଟ ୨୧୭ ଜଣ ରୋଗୀଙ୍କୁ ଡାକ୍ତରୀ ପରାମର୍ଶ ସହ ମାଗଣାରେ ଔଷଧ ବଣ୍ଟନ ମଧ କରାଯାଇଥିଲା। ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି କିଭଳି ଅଂଶୁଘାତର ପ୍ରତିକାର କରିପାରିବେ ସେ ନେଇ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ ଡା ଦୀପିକା ଆଚାର୍ଯ୍ୟ। ସାଇ ହସ୍ପିଟାଲର ପ୍ରତିଷ୍ଠାତା ଡା ଲକ୍ଷ୍ମୀକାନ୍ତ ପତିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି ଶିବିର ଆୟୋଜନ କରାଯାଉଅଛି ଏବଂ ଆଗାମୀ ଦିନରେ ବିଭିନ୍ନ ଉପାନ୍ତ ଅଞ୍ଚଳକୁ ପହଞ୍ଚି ସ୍ୱାସ୍ଥ୍ୟ ସେବାକୁ ଆହୁରି ତ୍ୱରାନ୍ୱିତ କରାଯିବ। ପ୍ରତ୍ୟେକ ଜୀବନ ଭଗବାନଙ୍କ ମୂଲ୍ୟବାନ ସୃଷ୍ଟି ଆଉ ଏହାର ସୁରକ୍ଷା ଆମର ପ୍ରଥମ ଦାୟିତ୍ୱ, କୌଣସି ରୋଗୀ ଅର୍ଥ ଅଭାବରୁ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ ଏବଂ ଏଥି ପାଇଁ ଆମେ ବଦ୍ଧପରୀକର ବୋଲି ମତ ଦେଇଛନ୍ତି ହସ୍ପିଟାଲର କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଇନଚାର୍ଜ ଡା. ଐଶ୍ୱର୍ଯ୍ୟଲକ୍ଷ୍ମୀ ପତି। ଏହି ଶିବିର ଆୟୋଜନ କରି ସାଧାରଣ ଲୋକଙ୍କୁ ଅନେକ ସହଯୋଗ କରିଥିବାରୁ ଡା ଲକ୍ଷ୍ମୀକାନ୍ତ ପତିଙ୍କୁ ସାଧୁବାଦ ଦେଇଛନ୍ତି ପାକଟିଆ ଗ୍ରାମପଞ୍ଚାୟତର ସରପଞ୍ଚ ଫୁଲମଣି ନାଏକ। ଶିବିରକୁ ସଞ୍ଜିବ ସାଏବାବୁ, ରାସବିହାରୀ ଦାସ, ଜୟନାଥ ମୁର୍ମୁ ଚକ୍ରଧର ନାଏକ, ହେମନ୍ତ ଦଣ୍ଡପାଟ ଓ ହରିଶ ପ୍ରମୁଖ ସୁପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପ୍ରତିମୂର୍ତ୍ତି ସଫେଇ ଓ ମାଲ୍ୟାର୍ପଣ

ଶୁକ୍ଳି,୨୨।୪(ସମିସ): ଶୁକ୍ଳି ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଓ ଶୁକ୍ଳି ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ ସଂଗ୍ରାମ କେଶରୀ ମଲ୍ଲିକ ନେତୃତ୍ୱରେ ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଶୁକ୍ଳି ଡିଗ୍ରୀ କଲେଜ ପ୍ରାଙ୍ଗଣରେ ଥିବା ପ୍ରତିମୂର୍ତ୍ତି ମହାତ୍ମା ଗାନ୍ଧୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଲାଲବାହାଦୂର ଶାସ୍ତ୍ରୀ, ଜବାହରଲାଲ ନେହେରୁ, ସୁଭାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାରାଜା, ରାମଚନ୍ଦ୍ର ଭଞ୍ଜ, ସ୍ୱାମୀ ବିବେକାନନ୍ଦ, ବାଜି ରାଉତଙ୍କୁ ପବିତ୍ର ଜଳରେ ସ୍ନାନ କରାଯାଇ ଚନ୍ଦନ ସିନ୍ଦୂର ଧୂପଦୀପ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଶୁକ୍ଳି ତହସିଲଦାର ପିନାକୀ ପାର୍ଥସାରଥୀ, ସଂଘର ସଭାପତି କାହ୍ନୁଚରଣ ଗିରି, ସମ୍ପାଦକ ନଗେନ୍ ପାଲ, ଉପସଭାପତି ପ୍ରସନ୍ନ ପଣ୍ଡା, ସହସମ୍ପାଦକ ପତି କାରୁଆ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ସଭ୍ୟ ସଦାନନ୍ଦ ନାୟକ, ବିଶ୍ୱନାଥ ଦଲେଇ, କୃଷ୍ଣଚନ୍ଦ୍ର ଦେବ, ପ୍ରଶାନ୍ତ ମାଝୀ ସହଯୋଗ କରିଥିଲେ।

## ଜାନକୀ ପ୍ରସାଦ ମହାନ୍ତିଙ୍କ ପରଲୋକ



ବାରିପଦା,୨୨।୪(ସମିସ): ବାରିପଦାର ଜଣାଶୁଣା ପୁରୁଖା ବ୍ୟକ୍ତି ତଥା ସେବାନିବୃତ ସରକାରୀ କର୍ମଚାରୀ ଜାନକୀ ପ୍ରସାଦ ମହାନ୍ତି (୮୩)ଙ୍କ ନିଜ ନିଗମାନନ୍ଦ ମାର୍ଗ ବାସଗୃହରେ ରବିବାର ପରଲୋକ ଘଟିଛି। ସ୍ୱର୍ଗତ ମହାନ୍ତି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ବିଭିନ୍ନ ବିଭାଗର ଦାୟିତ୍ୱରେ ରହିଥିଲେ। ବହୁ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେ ୨୦୦୩ରେ ଅବସର ଗ୍ରହଣ ପରେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସେବାଧର୍ମୀ ଅନୁଷ୍ଠାନ ସହିତ ସଂପୃକ୍ତ ରହି ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ତାଙ୍କ ଧର୍ମପତ୍ନୀ, ତିନି ଝିଅ-ଜ୍ୱାଇଁ ଓ ନାତିନାତୁଣୀଙ୍କୁ ମୃତ୍ୟୁବେଳେ ପାଖରେ ଥିଲେ।

## ଉଦ୍ଭିଦ ବିଜ୍ଞାନ ବିଭାଗର ବିଦାୟ କାଳୀନ ଉତ୍ସବ 'ଭେଲେଇରା'

ବାରିପଦା,୨୨।୪(ସମିସ): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସୀ ଆଣ୍ଡ ମ୍ୟାନେଜମେଣ୍ଟର ଉଦ୍ଭିଦ ବିଜ୍ଞାନ ବିଭାଗ ଦ୍ୱାରା ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା 'ଭେଲେଇରା' ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ରୁପମଞ୍ଜରୀ ବେହେରାଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗଦେଇ ବିଦାୟ ନେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ବହୁ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ ଓ ଲକ୍ଷ୍ୟକୁ ଠିକ ଭାବେ ସଂଯୋଗ କରିପାରିଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଥିଲେ ଶ୍ରୀ ନାୟକ। ବିଶେଷ ଅତିଥି ଭାବେ ମହାବିଦ୍ୟାଳୟର ବିଏ(ଏଲ୍‌ଏଲ୍‌ବି) ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଯୋଗ ଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ



ମଧ୍ୟରେ ଅଧ୍ୟାପିକା ଦୀପଞ୍ଜଳି ପାତ୍ର, କୀର୍ତ୍ତିକୌଶିକ ନାୟକ, କସ୍ତୁରିବା ମହାନ୍ତ ଉପସ୍ଥିତ ରହି ସେମାନଙ୍କ ସଫଳତା କାମନା କରିଥିଲେ। ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପିକା ଏନ୍ ବିଜୟଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମୀ ବସ୍ ମନମୁଖୀ ସେବାକୁ ବିରୋଧ



ବଡ଼ସାହି,୨୨।୪(ସମିସ): ପୂର୍ବ ସରକାର ତଥା ବର୍ତ୍ତମାନର ସରକାରଙ୍କ ଦ୍ୱାରା ଚାଲୁଥିବା ଲକ୍ଷ୍ମୀ ବସ୍ ବଡକେରକୋ ଭାୟା ବେଲାମ୍ ଓ ହରିପୁର ପ୍ରତାପପୁର ରାସ୍ତାରେ ଯିବା ଆସିବା କରୁଥିଲା। କିନ୍ତୁ ରାସ୍ତା ମରାମତି କାର୍ଯ୍ୟ ଦର୍ଶାଇ ବସ୍‌ଟି ଅନ୍ୟ ରାସ୍ତା ଦେଇ ଯାଉଛି। ମାତ୍ର ରାସ୍ତା କାର୍ଯ୍ୟ ୨ବର୍ଷ ହେଲାଣି ସରିଯାଇଥିଲେ ମଧ ବସ୍‌ଟି ଯିବାଆସିବା ନ କରିବାରୁ ବେଲାମ୍, ଜଡିପାଳ, ଆନନ୍ଦବୃନ୍ଦାବନପୁର, ମଙ୍ଗଗଡିଆ, ହରିପୁର ଓ ପ୍ରତାପପୁର ୬ ଗୋଟି ଗ୍ରାମର ଗ୍ରାମବାସୀ ନାହିଁ ନ ଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସମୂହ ଗ୍ରାମବାସୀ ସ୍ଥାନୀୟ ଅଞ୍ଚଳର ଭଞ୍ଜସେନା ବଡସାହି ବ୍ଲକ୍ ସଭାପତି ରାକେଶ୍ ଆଚାର୍ଯ୍ୟ ଙ୍କ ନେତୃତ୍ୱରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ସେହି ପୁରୁଣା ରୁଟ୍‌ରେ ବସ୍ ଚଳାଚଳ ପାଇଁ ଦାବି ରଖିଥିଲେ।

# ଅସହ୍ୟ ତାତି ଓ ଗୁଳୁଗୁଳି; ଜନଜୀବନ ଅସ୍ତବ୍ୟସ୍ତ

### ଅଂଶୁଘାତ ନେଇ ଜିଲ୍ଲା ପ୍ରଶାସନ ସତର୍କତା

ରାଇରଙ୍ଗପୁର,୨୨।୪(ସମିସ):



ପୂର୍ବରୁ ରାଜ୍ୟର ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇ ସାରିଥିବା ମୟୂରଭଞ୍ଜ ଜିଲ୍ଲାରେ ଚଳିତ ବର୍ଷ ରୌଦ୍ର ତାପ ଆରମ୍ଭ ହୋଇଛି। ଗତ ସପ୍ତାହେ ହେବ ତାପମାତ୍ରାର ପାରଦ ଊର୍ଦ୍ଧ୍ୱଗାମି ହୋଇ ୪୦ ଡିଗ୍ରୀ ପାର କରିଛି। ଯାହାକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ଦୃଷ୍ଟିରୁ ଆକସ୍ମିକ ଅଂଶୁଘାତରୁ ରକ୍ଷା ପାଇବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତତ୍‌ସହିତ ଜନସାଧାରଣଙ୍କୁ ଏଥିପ୍ରତି ସଜାଗ ରହିବା ଓ ଏହାର ମୁକାବିଲା ନିମନ୍ତେ କେତେ ଗୁଡିଏ ସତର୍କତାମୂଳକ ପଦକ୍ଷେପ ଅନୁପାଳନ କରିବା ପାଇଁ ପରାମର୍ଶ ଦିଆଯାଉଛି। ଏ ପରିପ୍ରେକ୍ଷୀରେ ବାମନଘାଟି ଉପଖଣ୍ଡ ପ୍ରଶାସନ ତରଫରୁ ଅଂଶୁଘାତରୁ ସୁରକ୍ଷା ନିମନ୍ତେ ଜନସାଧାରଣଙ୍କୁ ସତର୍କତାମୂଳକ ପଦକ୍ଷେପ ଅନୁପାଳନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଅତ୍ୟଧିକ ରୌଦ୍ରତାପ ରହୁଥିବା ହେତୁ ଏହି ଟାଣ ଖରା ସମୟରେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଉଛି। ଯଦି ଜରୁରୀ କାମ ପାଇଁ ଏହି ସମୟରେ ବାହାରକୁ ଯିବା ପାଇଁ ପଡେ, ତେବେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଇବା ସହିତ ଖରାରେ ଛତା, ଜୋତା /ଚପଲ, କଳା ଚଷମା, ଟୋପି ଆଦି ବ୍ୟବହାର ଓ ସାଙ୍ଗରେ ପିଇବା ପାଣି ନେବା, ଖରାରେ ବାହାରକୁ ଯିବା ସମୟରେ ଧଳା ବା ହାଲକା ରଙ୍ଗର ଢିଲା ପୋଷାକ ପରିଧାନ କରିବା। ଅଧିକ ବାଟ ଚାଲି ଚାଲି ଯିବାକୁ ଥିଲେ ମଝିରେ ମଝିରେ ଛାଇରେ ବିଶ୍ରାମ ନେଇ ନିଜର ଗନ୍ତବ୍ୟ ସ୍ଥାନକୁ ଯିବା ପାଇଁ ପରାମର୍ଶ ଦିଆଯାଉଛି। ଖରାରେ କଠିନ ପରିଶ୍ରମ ନ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଉଛି।

ସେହିପରି ତାପମାତ୍ରା ଅଧିକ ରହୁଥିବା ଅର୍ଥାତ ଦ୍ୱିପହର ସମୟରେ ନିର୍ମାଣ କାର୍ଯ୍ୟରେ କିମ୍ବା କୌଣସି କଠିନ ପରିଶ୍ରମ କାର୍ଯ୍ୟରେ ଶ୍ରମିକଙ୍କୁ ନିୟୋଜିତ ନ କରିବାକୁ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଉଛି। ଶିଶୁ, ବୟସ୍କ, ଅସୁସ୍ଥ ଓ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଅଂଶୁଘାତ ଆଶଙ୍କା ରହୁଥିବା ହେତୁ ନିତ୍ୟାନ୍ତ ଆବଶ୍ୟକ ନ ଥିଲେ ସେମାନଙ୍କୁ ଖରାରେ ବାହାରକୁ ନ ବାହାରିବା ପାଇଁ ସୂଚୀତ କରାଯାଉଛି। ସେହିପରି ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହ ସମୟରେ ମାଦକ ଦ୍ରବ୍ୟ ସେବନରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦିଆଯାଉଛି। ଯାତ୍ରୀବାହୀ ବସ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନରେ ଯାତାୟାତ ସମୟରେ ଯଥେଷ୍ଟ ପରିମାଣ ପିଇବା ପାଣି ଉପଲବ୍ଧ କରାଇବା ପାଇଁ ବସ ଓ ଗାଡି ମାଲିକ ମାନଙ୍କୁ ପରାମର୍ଶ ଦିଆଯାଉଛି। ଶିକ୍ଷାନୁଷ୍ଠାନରେ ଯଥେଷ୍ଟ ପରିମାଣର ପାନୀୟ ଜଳର ବ୍ୟବସ୍ଥା ଉପରେ ତୀକ୍ଷ୍ଣ ଧ୍ୟାନ ଦେବା ପାଇଁ ଅନୁଷ୍ଠାନ ମୁଖ୍ୟଙ୍କୁ ପରାମର୍ଶ ଦିଆଯାଉଛି। ଯଦି କୌଣସି ବ୍ୟକ୍ତିଙ୍କ ପାଖରେ ଅଂଶୁଘାତର ଲକ୍ଷଣ ପ୍ରବଳ ଝାଳ ବୋହିବା, ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା, ପ୍ରବଳ ଶୋଷ ଲାଗିବା, ମାଂସପେଶୀ ଟାଣି ହେବା, ଚର୍ମ ଶୁଷ୍କ, ଲାଲ ଓ ଉତ୍ତପ୍ତ ହେବା, ଅଚେତ ହେବା କିମ୍ବା ବାତ ମାରିବା ଇତ୍ୟାଦି ଲକ୍ଷଣ ଦେଖାଯାଏ, ସେପରି ଆକ୍ରାନ୍ତ ବ୍ୟକ୍ତିଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନିଅନ୍ତୁ, ତାଙ୍କୁ ଓଆରଏସ /ଚିନି ଲୁଣ ପାଣି ସର୍ବତ /ସାଧା ପାଣି ପିଆନ୍ତୁ। ଯଥାସମ୍ଭବ ରୋଗୀ ପୋଷାକ ଖୋଲି ମୁଣ୍ଡ ଧୋଇଦେବା ସହିତ ଓଦା କପଡାରେ ପୋଛନ୍ତୁ। ସମସ୍ତଙ୍କ ସହଯୋଗରେ ପାନୀୟ ଜଳ ସଙ୍କଟକୁ ଦୂର କରିବା ପାଇଁ ପାଇପ ଯୋଗେ ହେଉ ଅବା ଅନ୍ୟାନ୍ୟ ବିକଳ୍ପ ବ୍ୟବସ୍ଥା ଦ୍ୱାରା ହେଉ ଯୋଗାଇ ଦିଆଯାଉଥିବା ପାନୀୟ ଜଳକୁ ଅନାବଶ୍ୟକ ଭାବେ ଅପଚୟ ନକରିବା ପାଇଁ ଜନସାଧାରଣଙ୍କୁ ଉପଖଣ୍ଡ ପ୍ରଶାସନ ତରଫରୁ ନିବେଦନ କରାଯାଉଛି।

# ରାସ୍ତାକଡ଼ରୁ ଉଠା ଦୋକାନୀଙ୍କୁ ସ୍ଥାନାନ୍ତର ବେଳେ ଠେଲାପେଲା

ଯୋଡ଼ା, ୨୨।୪(ସମିସ)



କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ବସଷ୍ଟାଣ୍ଡ ନିକଟରେ ଥିବା ଫ୍ଲାଇଓଭର ରାସ୍ତାକଡ଼ରେ ବିପଦଜନକ ଆବସ୍ଥାରେ ବସୁଥିବା ଉଠା ଦୋକାନୀଙ୍କୁ ପୌରପାଳିକା ତରଫରୁ ସ୍ଥାନାନ୍ତର କଲା ବେଳେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ କିଛି କର୍ମଚାରୀଙ୍କୁ ଠେଲାପେଲା ସହ ଦୁର୍ବ୍ୟବହାର କରୁଥିବା ନେଇ ପୌରପାଳିକା ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କିଛି ମାସହେବ ଉଠା ଦୋକାନୀମାନେ ଫ୍ଲାଇଓଭରର ସର୍ଭିସ ରୋଡ଼ ଉପରେ ଅସୁରକ୍ଷିତ ଅବସ୍ଥାରେ ଦୋକାନ ବଜାର ବସାଉଥିଲେ। ଯାହାଫଳରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ଦୁର୍ଘଟଣାର କାରଣ ପାଲଟିଥିଲା। ଏନେଇ ପୂର୍ବରୁ ବିଭିନ୍ନ ଗଣମାଧମରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ତେବେ ଲୋକଙ୍କ ସୁରକ୍ଷା ଏବଂ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଯୋଡା ପୌରପାଳିକା ତରଫରୁ ଅନ୍ୟ ଏକ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତରିତ କରାଯାଇ ସମସ୍ତ ସୁବିଧା ଯୋଗେଇ ଦିଆଯାଇଥିଲା। କିନ୍ତୁ କିଛି ଅମାନିଆ ବେପାରୀ ବାରମ୍ବାର ରାସ୍ତାକଡ଼ରେ ଦୋକାନ କରିବାରୁ ତାଙ୍କୁ ଗତ ୨୧ ତାରିଖ ପତ୍ର ସଂଖ୍ୟା-୧୫୯୫ ମାଧ୍ୟମରେ ସେଠାରୁ ଉଠିବା ପାଇଁ ନୋଟିସ କରାଯାଇଥିଲା। ଏହି ଆଧାରରେ ବୁଧବାର ସକାଳ ପ୍ରାୟ ୬.୩୦ ସମୟରେ ପୌରପାଳିକା ତରଫରୁ ପୁଲିସ ଉପସ୍ଥିତିରେ ତାଙ୍କୁ ବିପଦଜନକ ଅବସ୍ଥାରୁ ଉଠେଇ ସୁରକ୍ଷିତ ଜାଗାକୁ ଯିବା ପାଇଁ କହୁଯାଇଥିଲା। ସେତିକି ବେଳେ ସେମାନଙ୍କ ମଧ୍ୟରୁ ବୀଣା ପାତ୍ର, ନୃସିଂହ ଗିରି, ଶୁଚିସ୍ମିତା ସେଠି, ଶାନ୍ତିଲତା, ଅମ୍ବିକା ଗିରି, ବିନତି ପାତ୍ର, ରଶ୍ମିତା ବେହେରା, ତୁଳସୀ କାରୁଆ, ରେବତୀ ବେହେରା, ସୁନିତା ନାଏକ, ପଦ୍ମିନୀ ପାତ୍ର ଏବଂ ତାଙ୍କ ସାଥୀବିପ୍ଳବ ଜେନା ନାମକ କର୍ମଚାରୀଙ୍କ କୋଲର ଧରି ଟଣାଓଟରା କରିବା ସହ ଫୋନ ଛଡାଇବାକୁ ଉଦ୍ୟମ କରି ତାଙ୍କ ଆଙ୍ଗୁଠିରୁ ସୁନା ମୁଦି ନେଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ପୁଲିସ ତୁରନ୍ତ ତାଙ୍କୁ ସେଠାରୁ ଉଦ୍ଧାର କରି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପ୍ରାୟ ୧୧.୩୦ ସମୟରେ ଉକ୍ତ ଲୋକେ ପୌରପାଳିକା କାର୍ଯ୍ୟାଳୟକୁ ଆସି ଗାଳିଗୁଲଜ କରିଥିଲେ। ପୁଲିସ କେସ ନମ୍ବର ୧୪୭/୨୬ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ନାବାଳିକା ଅପହରଣ ଅଭିଯୋଗ

କୁଆମରା, ୨୨।୪(ସମିସ): ଖୁଣ୍ଟା ଥାନାଞ୍ଚଳର ଜଣେ ୧୭ ବର୍ଷିୟା ନାବାଳିକାକୁ ଅପହରଣ କରିଥିବା ନେଇ ଥାନାରେ ପୀଡ଼ିତାଙ୍କ ବାପା ଅଭିଯୋଗ କରିଛନ୍ତି। ନାବାଳିକା ଜଣକ ସ୍ଥାନୀୟ କଲେଜର ଛାତ୍ରୀ ଅଟନ୍ତି। ସେ ମଙ୍ଗଳବାର ସକାଳେ ଘରୁ ଯାଇ ନଫେରିବାରୁ ପରିବାର ଲୋକେ ବିଭିନ୍ନ ଖୋଜାଖୋଜି କରି ପାଇ ନଥିଲେ। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଥିବାର କହିଛନ୍ତି ଆଇଆଇସି ଆଦିତ୍ୟ ପ୍ରସାଦ ଜେନା।

## ମଦ କାରବାର ଅଭିଯୋଗରେ ୩ ଗିରଫ

କୁଆମରା, ୨୨।୪(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ମୋଟ ୫୯ ଲିଟର ଦେଶୀ ମଦ ଜବତ ହୋଇଛି। ବାଲିଯୋଡ଼ା ଗ୍ରାମର ବୁଧିରାମ ମୁର୍ମୁ (୪୫)ଙ୍କଠାରୁ ୨୫ ଲିଟର, ବାହାନଡା ଗ୍ରାମର ପିତାମ୍ବର ସୋରେନ (୫୮)ଙ୍କଠାରୁ ୧୪ ଲିଟର ଓ ବଡ଼ଓଳିଆ ଗ୍ରାମର ସାଲକୁ ମୁର୍ମୁ (୨୩)ଙ୍କଠାରୁ ୨୦ ଲିଟର ମଦ ଜବତ ହୋଇଛି। ଚଢ଼ଉରେ ଏଏସ୍ଆଇ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋରଚନ୍ଦ୍ର ସୋରେନ, ଦୀପାଞ୍ଜଳି ଦାସ, ଦିବ୍ୟାଂଶୁ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ତୁରୁମୁଙ୍ଗା, ୨୨।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଢେଙ୍କିକୋଟ-ପାଟଣା ରାସ୍ତାର ୨୨୦ ନମ୍ବର ଜାତୀୟ ରାଜପଥର କାଶିଆ ନାଳ ନିକଟରୁ ବୁଧବାର ସକାଳୁ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୁଲିସ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ନଥିବା ବେଳେ ବୁଧବାର ଅପରାହ୍ଣରେ ଶବ ବ୍ୟବଛେଦ ପରେ ଶବକୁ କେନ୍ଦୁଝର ପଠା ଯାଇଥିବା ଥାନାଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି। ଏନେଇ ପାଟଣା ଥାନାରେ ୧୫୬/୨୬ରେ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ଅଜଣା ଯୁବକ ଜଣକ ସାଇକଲରେ ଆସୁଥିବା ସମୟରେ କୌଣସି ଛୋଟ ଗାଡ଼ି ଧକ୍କା ଦେଇ ପେଟ ଉପରେ ଚଢ଼ି ଚାଲିଯାଇଥିବା ପୁଲିସ ଅନୁମାନ କରୁଛି।

## କମ୍ପାନୀ ଯୋଗାଉଥିବା ଥଣ୍ଡା ପାନୀୟରୁ ଗୋରୁମହିଷାଣୀ ବଞ୍ଚିତ



ଗୋରୁମହିଷାଣି,୨୨।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ଗୋରୁମହିଷାଣୀ ଲୌହଖଣି ଦକ୍ଷିଣ ଏସିଆର ସର୍ବପ୍ରଥମ ତଥା ଷ୍ଟିଲ ସମ୍ରାଟ ଟାଟା କମ୍ପାନୀର ମାତୃ ଖଣି ଭାବରେ ପରିଚିତ। ଟାଟା କମ୍ପାନୀ ଏଠାରେ ୧୯୦୭ରୁ ୧୯୬୭ ପର୍ଯ୍ୟନ୍ତ ଖଣି ଖନନ କରିଥିଲା। ସେତେବେଳେ କମ୍ପାନୀ ଅଞ୍ଚଳର ସାମଗ୍ରୀକ ବିକାଶ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ତଥା ପାନୀୟ ଜଳର ବ୍ୟବସ୍ଥା କରୁଥିଲା। ଟାଟା କମ୍ପାନୀ ଚାଲିଗଲା ପରେ ମେଶସ୍ ଘନଶ୍ୟାମ ମିଶ୍ର ଏଣ୍ଡ ସନ୍ସ୍ ପ୍ରାଇଭେଟ ଲିମିଟେଡ ପ୍ରଥମେ ୧୯୭୦ ରୁ ୨୦୨୦ଏବଂ ତାପରେ ୨୦୦୦ରୁ ୨୦୨୦, ୫୦ବର୍ଷ ଲିଜ ନେଇ ଖଣି ଖନନ କରିଥିଲା ପୁନଃ କମ୍ପାନୀ ୨୦୨୦ରୁ ଅଦ୍ୟାବଧି ଖଣି ଖନନ କରି ଦେଶ ବିଦେଶ କୁ ଲୁହାପଥର ରପ୍ତାନି କରି କୋଟି କୋଟି ଟଙ୍କା ଲାଭ କରୁଛନ୍ତି। ହେଲେ ଅଞ୍ଚଳ ବିକାଶ ଦିଗରେ କମ୍ପାନୀର କିଛିହେଲେ ଆଗ୍ରହ ନାହିଁ। କିଛିବର୍ଷ ପୂର୍ବରୁ କମ୍ପାନୀ ସିଏସ୍ଆର୍ ପାଣ୍ଠିରୁ ଗୋରୁମହିଷାଣୀ ବଜାର କାଣା ଚା ଦୋକାନ ପାଖ ହନୁମାନ ମନ୍ଦିର ପାଖ ତଥା ଆର୍ଆଇ ଅଫିସ ପାଖରେ ତିନୋଟି ଶୀତଳ ପାନୀୟ ଜଳର ବ୍ୟବସ୍ଥା କରିଥିଲେ। କିଛିବର୍ଷ ଚାଲିଲା ପରେ ବିଗତ ଦୁଇ ବର୍ଷ ହେଲା ଆଉ ଫ୍ରିଜ୍ ମେସିନ୍ ଦୟ ମରାମତି ପାଇଁ ନେଇ ଯାଇଥିଲେ ହେଲେ ଆଜି ସୁଦ୍ଧା ସେଗୁଡ଼ା ମରାମତି କିମ୍ବା ନୂଆଁ ଫ୍ରିଜ ଲଗିପାରି ନାହିଁ ଫଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଖର ରୁ ଲୋକ ମାନେ ଥଣ୍ଡା ପାନୀୟ ଜଳ ରୁ ବଞ୍ଚିତ ହୋଇଛନ୍ତି।କମ୍ପାନୀ ର ଏଚ ଆର୍ ନିଲେଶ୍ କୁମାର ସିଂ ସହିତ ସମସ୍ୟା ବିଷୟ ରେ ଅବଗତ କଲାରୁ ସେ ମାଲିକ ସହିତ କଥା ହୋଇ ଯେତେ ଶୀଘ୍ର ସମ୍ଭବ ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇଛନ୍ତି।

## ରକ୍ଷଣାବେକ୍ଷଣ ଅଭାବରୁ ବଡଳା ଫାଣ୍ଡି ଅବସ୍ଥା ଜରାଜୀର୍ଣ୍ଣ




ହାଟଡ଼ିହୀ, ୨୨।୪(ସମିସ): ରକ୍ଷଣାବେକ୍ଷଣ ଅଭାବରୁ କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନସ୍ଥ ବଡଳା ଫାଣ୍ଡି ଗୃହଟି ଜରାଜୀର୍ଣ୍ଣ ହୋଇପଡ଼ିଛି। ଦୀର୍ଘଦିନ ଧରି ଫାଣ୍ଡିଟି ସୁରକ୍ଷା ପାଚେରି ବିନା ମେଲା ମୁକୁଳା ହୋଇ ପଡ଼ିଥିଲା। ୨ ବର୍ଷ ପୂର୍ବରୁ ସୁରକ୍ଷାକୁ ଲକ୍ଷ୍ୟ କରି ଫାଣ୍ଡି ଚତୁଃପାର୍ଶ୍ୱ ପକ୍କା ପାଚେରି ସାଙ୍ଗକୁ ଲୁହା ଗ୍ରିଲ୍ ଗେଟ୍ ନିର୍ମାଣ ହୋଇଛି; କିନ୍ତୁ ଗୃହଟି ଆଜିଯାଏଁ ମରାମତି ହେଲାନାହିଁ। ଫାଣ୍ଡି ଗୃହ ଛାତରୁ ଖଣ୍ଡ ଖଣ୍ଡ ହୋଇ କଂକ୍ରିଟ ପ୍ଲାଷ୍ଟର ଝଡ଼ି ପଡୁଥିବା ବେଳେ ଝରକା କବାଟଗୁଡ଼ିକ ଉଇ ଲାଗି ଭାଙ୍ଗିବାକୁ ବସିଲାଣି। ବର୍ଷାଦିନେ ଛାତରୁ ପାଣି ଝରୁଥିବା ବେଳେ କୋଠରୀଗୁଡ଼ିକର ଚଟାଣ ଫାଟି ସେସବୁ ଏବେ ରହଣି ଉପଯୋଗୀ ଭଳି ମନେହେଉନି। ଫାଣ୍ଡିର ଇନଚାର୍ଜ ଭାବେ ଜଣେ ଏଏସଆଇ ଏବଂ ଦୁଇଜଣ କନେଷ୍ଟବଳ କାର୍ଯ୍ୟରତ ଅଛନ୍ତି। ଫାଣ୍ଡି ଶୌଚାଳୟ ଖରାପ୍ ଥିବାରୁ ଫାଣ୍ଡି ଷ୍ଟାଫ୍ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଗୃହର ଅବସ୍ଥା ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ବେଳେ ପାଣି ପାଇପ୍ଲାଇନ୍ କଥା ନକହିବା ଭଲ। ଷ୍ଟାଫ୍ମାନେ ଫାଣ୍ଡି ସମ୍ମୁଖରେ ଥିବା ଏକ କୂଅରୁ ଦୈନନ୍ଦିନ ବ୍ୟବହାର୍ଯ୍ୟ ପାଇଁ ଜଳ ସଂଗ୍ରହ କରିବା ସହ ସେହି ପାଣିରେ ଗାଧୁଆ ପାଧୁଆ କାମ କରିଥା'ନ୍ତି। ଖଣି ଖାଦାନ ଅଞ୍ଚଳ ସହ ଜଙ୍ଗଲିଆ ପରିବେଶ ସକାଶେ ସେଠାରେ ବିଭିନ୍ନ ସମୟରେ ସରୀସୃପଙ୍କ ଭୟ ଲାଗି ରହିଥାଏ। ଏଭଳି ବିଭିନ୍ନ ସମସ୍ୟାକୁ ଲକ୍ଷ୍ୟ କରି ତୁରନ୍ତ ଏହି ଫାଣ୍ଡି ଗୃହର ମରାମତି କରାଗଲେ କାର୍ଯ୍ୟରତ ପୁଲିସ୍ ଷ୍ଟାଫ୍ମାନେ ଅନ୍ତତଃ ଶାନ୍ତିରେ ରହି ଭଲ ଭାବେ କାର୍ଯ୍ୟ ଦାୟିତ୍ୱ ତୁଲାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ୧୪୦ କେଜି ଗଞ୍ଜେଇ ସହ କାର୍, ବାଇକ୍ ଜବତ

ଆନନ୍ଦପୁର, ୨୨।୪(ସମିସ): କେନ୍ଦୁଝର ଏସ୍ପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସପି ପ୍ରତ୍ୟୁଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ପୁଲିସ ଏସ୍ଡ଼ିପିଓ କମଳ କୁମାର ପଣ୍ଡା ଓ ଘଷିପୁରା ଥାନାଧିକାରୀ କିଶୋରଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ କରି ଚଢ଼ଉ କରି ପ୍ରାୟ ୧୪୦ କେଜି ଗଞ୍ଜେଇ ଜବତ କରିଛନ୍ତି। ଏଥିରେ ଦୁଇଟି କାର୍ ସହ ଦୁଇଟି ବାଇକ୍ ମଧ୍ୟ ଜବତ ହୋଇଥିବା ଜଣାପଡ଼ିଛି। ଗଞ୍ଜେଇ ଚାଲାଣ ଓ ଗଚ୍ଛିତ ତଥା କାରବାର ଅଭିଯୋଗରେ ପୁଲିସ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। କୋଡାପଡା ଗ୍ରାମର ହରେକୃଷ୍ଣ ଓଝା ଓ ବୁଢୀକୁଦ ଗ୍ରାମର ଶୁକଦେବ ନାୟକଙ୍କଠାରୁ ପ୍ରାୟ ୭୦ କିଲୋଗ୍ରାମ ଗଞ୍ଜାଇ ଜବତ ହେବା ପରେ ଏହି କାରବାରର ସୁରାକ ମିଳିଥିଲା। ପୁଲିସ ଟିମ ବିଭିନ୍ନ ସ୍ଥାନରେ ଖାନତଲାସ କରିଥିଲେ। ଗୋଟିଏ ବ୍ରିଜା ଗାଡିରୁ ୬୯ କେଜି ୪୫୦ ଗ୍ରାମ ଗଞ୍ଜେଇ ଜବତ ହେବା ସହ ୭୪୦୦ ଟଙ୍କା ମଧ୍ୟ ଜବତ କରାଯାଇଥିଲା। କୋରେଇ ଥାନା ଅନ୍ଧାରି ଗୌରପାଳ ଗ୍ରାମର ଶୁଭ୍ରାଂଶୁ ରାଉତ ଗୋଟିଏ ବ୍ରିଜା ଗାଡ଼ିରେ ଗଞ୍ଜେଇ ନେଇ ଯାଉଥିବାର ସୂଚନା ପାଇ ଘଷିପୁରା ପୁଲିସ୍ ପକ୍ଷରୁ ବେଲବାହାଳି ବାଇପାସ୍ ନିକଟରେ ଚଢ଼ଉ କରି ଗାଡ଼ି ଶହ ଗଞ୍ଜେଇକୁ ଜବତ କରାଯାଇଛି। ସୂଚନା ଅନୁସାରେ ଆନନ୍ଦପୁର ଅଞ୍ଚଳରେ ଚୋରା ଗଞ୍ଜେଇ ଓ ବ୍ରାଉନସୁଗରର କାରବାର ଚରମ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଅବକାରୀ ବିଭାଗ ଆଦିବାସୀଙ୍କ ହାଣ୍ଡିଆ ଡେକଚି ଜବତ କରି ବାହାବାହା ନେଉଥିବା ଅଭିଯୋଗ ହେଉଛି।



## ବିବାହ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ

**ଅଟକିଲା ବାହାଘର, ଫେରିଗଲେ ବର**

ରାଇରଙ୍ଗପୁର, ୨୨।୪(ସମିସ): ବିବାହ ପୂର୍ବରୁ ଅଘଟଣ ଘଟିଛି। କନ୍ୟା ଜଣକ କୀଟନାଶକ ଖାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଯାହାକୁ ନେଇ ବିବାହ ନକରି ବେଦିରେ ବର ପ୍ରତ୍ୟାବର୍ତ୍ତନ କରିଛି। ଉକ୍ତ ଅଘଟଣ ବହଳଦା ଥାନା ଅନ୍ତର୍ଗତ ଅଁଳାଯୋଡି ଗ୍ରାମ ଅଞ୍ଚଳରେ ଘଟିଯାଇଛି। କନ୍ୟା ଜଣକ ହେହେଲେ ଉକ୍ତ ଗ୍ରାମର ରଶ୍ମିତା ମହାନ୍ତ। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପାଟେପାଣି ଗ୍ରାମର ଶ୍ରୀକୃଷ୍ଣ ମହାନ୍ତଙ୍କ ସହିତ ବିବାହ ସ୍ଥିରୀକୃତ ହୋଇଥିଲା। ଯାହାକୁ ନେଇ ମଙ୍ଗଳବାର ରାତିରେ ତାଙ୍କ ଗ୍ରାମ ଘରେ ବିବାହ କାର୍ଯ୍ୟ ହେଉଥିଲା। ତେବେ ବିବାହ ପୂର୍ବରୁ କୋଣସି କାରଣ ନେଇ ରଶ୍ମିତା ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିବାହ ପୂର୍ବରୁ କୀଟନାଶକ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବର ବିବାହ ନିମନ୍ତେ କନ୍ୟା ଘରେ ପହଞ୍ଚିବା ବେଳକୁ ଅଘଟଣ ଘଟି ଯାଇଥିଲା। ବିବାହ ନିମନ୍ତେ ବେଦିରେ ବର ଅପେକ୍ଷା କରିଥିବା କନ୍ୟାକୁ ନପାଇ ଶିଶୁପାଳ ହୋଇ ଫେରିଛନ୍ତି। କନ୍ୟା କୀଟନାଶକ ଖାଇ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ବୁଧବାର ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏନେଇ ଥାନାରେ କୋଣସି ଅଭିଯୋଗ ହୋଇନାହିଁ। ବର ଜଣକ ବିବାହ ନକରି ପାରି ବିବାହ ବେଦିରୁ ଶିଶୁପାଳ ହୋଇ ଫେରିଛନ୍ତି।

● ବଡ଼ ଧରଣର ଚଢ଼ଉ ପରେ ବି ଥମୁନି ଗୋ-ତସ୍କରୀ

## ଗୋଟିଏ ରାତିରେ ୨ ସ୍ଥାନରୁ ୧୯ ଗୋରୁ ଉଦ୍ଧାର; ୩ ଗିରଫ

ରାଇରଙ୍ଗପୁର, ୨୨।୪(ସମିସ): ବାମନଘାଟି ଉପଖଣ୍ଡରେ ବାରମ୍ବାର ବଡ଼ ଧରଣ ଚଢ଼ଉ ପରେ ବି ଗୋ-ତସ୍କରୀ ଥମିବାର ନାଁ ନେଉନାହିଁ। ପୁଣି ଗୋଟିଏ ରାତିରେ ଦୁଇଟି ପୃଥକ ସ୍ଥାନରୁ ୧୯ଟି ଗୋରୁ ଉଦ୍ଧାର ସହ ୩ଜଣ ଗିରଫ ହୋଇଛନ୍ତି। ରାଇରଙ୍ଗପୁର ଟାଉନ ଥାନା ପୁଲିସ ହାଟବାଦଡ଼ାରୁ ରାଇରଙ୍ଗପୁର ପଟକୁ ଆସୁଥିବା ଏକ ଗାଡ଼ିକୁ ସନ୍ଦେହରେ ଯାଞ୍ଚ ପାଇଁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗାଡିଟି ଅଟକିବା ପରିବର୍ତ୍ତେ ପୁଲିସକୁ ଚକମା ଦେଇ ଚମ୍ପଟ ମାରିଥିଲା। ପୁଲିସ ପିଛା କରି ସିଗ୍ନାଲ ସାହି ନିକଟରେ ଅଟକାଇଥିବାବେଳେ ଚାଳକ ଚମ୍ପଟ ମାରିଥିଲା। ପୁଲିସ ଗାଡ଼ିରୁ ୯ଟି ଗୋରୁ ଉଦ୍ଧାର କରିଛି। ଆନ୍ତଃରାଜ୍ୟ ଗୋଚାଲାଣ ଟିମ ସକ୍ରିୟ ରହି ଝାଡ଼ଖଣ୍ଡକୁ ବେଆଇନ ଭାବେ ଚାଲାଣ କରୁଥିଲେ। ଏନେଇ ରାଇରଙ୍ଗପୁର ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି।

ସେହିପରି ବାଦାମ ପାହାଡ଼ ଥାନା ପକ୍ଷରୁ ୧୦ଟି ଗୋରୁ ଉଦ୍ଧାର କରାଯାଇଛି। ପୁଲିସ ସୂଚନା ପାଇ ପଡ଼ିଆ ଛକ ନିକଟରେ ଚଢ଼ଉ କରିଥିଲେ। ବିଳମ୍ବିତ ରାତିରେ ୩ଜଣ ବ୍ୟକ୍ତି ୧୦ଟି ଗୋରୁଙ୍କୁ ବାନ୍ଧି ଚଳାଇ ଚଳାଇ ନେଉଥିଲେ। ପୁଲିସ ପଚାର ଉଚରା କରିବାରୁ ଗୋ-ତସ୍କରି କରୁଥିବାର ଜଣାପଡ଼ିଛି। ଟେଣ୍ଟପୋଷି ଗ୍ରାମ ସେକ୍ ଅମଜାଦ ବିଭିନ୍ନ ସ୍ଥାନରୁ ଗୋରୁ ଗୁଡ଼ିକ ଚୋରି କରି ଗୋ-ତସ୍କରି କରିଥାନ୍ତି। ଉକ୍ତ ୧୦ଟି ଗୋରୁକୁ ଝାଡ଼ଖଣ୍ଡ ଚାଲାଣ ନିମନ୍ତେ ନେଉଥିବା ସ୍ୱୀକାର କରିଛନ୍ତି। ଯାହାକୁ ନେଇ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଦାମ ପାହାଡ଼ ଥାନା ଅନ୍ତର୍ଗତ ପଡ଼ିଆ ଗ୍ରାମର ଶିବ ନାଏକ(୨୪), କାଶିଆ ବେଡା ଗ୍ରାମର ସଞ୍ଜୀବ ନାଏକ(୩୨) ଓ ଝାଡ଼ଖଣ୍ଡ ରାଜ୍ୟର ମୂଷାବଣି ଅଞ୍ଚଳର ସେକ ଜହିମୁଦ୍ଦିନ(୩୨)।

ଗୋ ତସ୍କରକୁ ରୋକିବାକୁ ପୋଲିସ ପକ୍ଷରୁ ଗତ ଜାନୁଆରୀ ଓ ମାର୍ଚ୍ଚରେ ବାମନଘାଟି ଉପଖଣ୍ଡରେ ଚଢାଉ ହୋଇଥିଲା। ପୁଣି କିଛି ଦିନର ବ୍ୟବଧାନ ପରେ ଗତ ଟେଣ୍ଟପୋଷି ଅଞ୍ଚଳରେ ଗୋ ତସ୍କର ଥମିବା ବଦଳରେ ପୁଣି ସକ୍ରିୟ ଭାବେ ଆରମ୍ଭ ହୋଇଛି।

## ମିଶନ ଶକ୍ତି ତରଫରୁ ଡିଜି ଶକ୍ତି ତାଲିମ ଶିବିର

ମୋରଡା,୨୨।୪(ସମିସ): ମୋରଡା ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଭବନରେ ବୁଧବାର ମିଶନ ଶକ୍ତି ଓ ଇଉଏନଏଫପିଏ ଆନୁକୂଲ୍ୟରେ ପଞ୍ଚ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ଟି ଦୀର୍ଘ ୧୦ଦିନ ଧରି ଦୁଇଟି

**● ଦୁଇଟି ପର୍ଯ୍ୟାୟରେ ୬୦ଜଣ ସିଆର୍‌ପି ମହିଳା ନେବେ ତାଲିମ**

**● ତାଲିମର ଉଦ୍ଦେଶ୍ୟ ସାଇବର ଠକେଇରୁ କିପରି ବର୍ତ୍ତିବେ**



ପର୍ଯ୍ୟାୟରେ ଚାଲିବ। ତେବେ ପ୍ରଥମ ପର୍ଯ୍ୟାୟରେ ୩୦ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୩୦ଜଣ ସିଆରପି ପାଞ୍ଚ ଦିନ ଲେଖାଏଁ ତାଲିମ ନେବେ।ଆଜିର କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ଦଣ୍ଡପାଟ(ସିଡିପିଓ), ନିରଞ୍ଜନ ପଣ୍ଡା(ଡିପିସି ମିଶନ ଶକ୍ତି), ନବୀନ ସେନାପତି(ଡିପିଏମ ଓଏଲଏମ), ଓସ୍ଲାମ ଖାନ (ଇଉଏନଏଫପିଏ ଜିଲ୍ଲା ସଂଯୋଜକ) ଓ ବିଷ୍ଣୁପ୍ରିୟା ଦାସ(ମାଷ୍ଟର ଟ୍ରେନର) ମଞ୍ଚାସୀନ ଥିଲେ।ତେବେ ଉକ୍ତ ତାଲିମ ଶିବିରର ଉଦେଶ୍ୟ କିପରି ମହିଳା ମାନଙ୍କର ସାମାଜିକ ସଶକ୍ତିକରଣ ହୋଇପାରିବ ଓ ସେମାନେ କିପରି ସାଇବର ଠକେଇରୁ ମଧ୍ୟ ବର୍ତ୍ତି ପାରିବେ। ଉକ୍ତ ଶିବିରରେ ବିଷ୍ଣୁପ୍ରିୟା ଦାସ ଓ କବିତା ରାଣୀ ଆଚାର୍ଯ୍ୟ ମାଷ୍ଟର ଟ୍ରେନର ଭାବେ ଯୋଗଦେଇଛନ୍ତି।ଡିଜିଟାଲ ଫୋନ ମାଧ୍ୟମରେ ରିଲସ ନଦେଖି କଣ କଣ ସୁବିଧା ପାଇ ପାରିବେ, ଘରେ ବସି ନିଜେ ସମସ୍ତ ପ୍ରକାର ଆବେଦନ କରି ପାରିବେ।ତତ୍ସହିତ ସାଇବାର ଠକେଇ ରୁ ନିଜେ କିପରି ସୁରକ୍ଷିତ ରହିବା ସହ ଲୋକଙ୍କୁ ମଧ୍ୟ ସଚେତନ କରାଇବେ ସେ ନେଇ ଓସ୍ଲାମ ଖାନ ସୂଚନା ଦେଇଛନ୍ତି।ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରି ସମସ୍ତ ତାଲିମ ନେଉଥିବା ସିଆରପି ମହିଳାମାନଙ୍କୁ କିଟ ବ୍ୟାଗ ପ୍ରଦାନ କରିଛନ୍ତି।

## ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ; ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମ

ସହିଦନଗର, ୨୨।୪(ସମିସ): ଧାମନଗର ବ୍ଲକ୍ ଅଧୀନ କଟସାହି ପଞ୍ଚାୟତର ପଥରଡିହ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅକସ୍ମାତ୍ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତି ଘଟିଛି। ଗ୍ରାମର ବୁଧିରାମ ଜେନାଙ୍କ ପୁଅ ଶ୍ରୀଧର ଜେନାଙ୍କ ଘରେ ସର୍ଟସର୍କିଟ୍ ହେବାରୁ ନିଆଁ ଲାଗିଥିବା ସୂଚନା ମିଳିଛି। ନିଆଁ ଦ୍ରୁତ ଭାବେ ପ୍ରସାରିତ ହୋଇ ଘର ଭିତରେ ଥିବା ଆସବାବପତ୍ର, ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜଳି ଭସ୍ମୀଭୂତ ହୋଇଯାଇଛି। ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ପାଇଁ ପ୍ରୟାସ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଅନୁମାନ କରାଯାଉଛି।

# ଘରୋଇ ଶିକ୍ଷାନୁଷ୍ଠାନ ମାନୁନାହାଁନ୍ତି ସରକାରୀ ନିୟମ

ରାଇରଙ୍ଗପୁର,୨୨।୪(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ଛତୁ ଫୁଟିଲା ପରି ଘରୋଇ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକ ଖୋଲୁଥିବା ବେଳେ ସରକାରୀ ନିୟମ ଗୁଡ଼ିକ ଅନୁପାଳନ କରୁନାହାନ୍ତି। ଯାହା ଫଳରେ ଅନେକ ଛାତ୍ରଛାତ୍ରୀ

**● ଛାତ୍ରଛାତ୍ରୀଙ୍କ ପାଠ ପଢାରେ ଲାଗୁଛି ଡୋରି**

**● ଜିଲ୍ଲାର ବିଭିନ୍ନ ଘରୋଇ ସ୍କୁଲରେ ଆର୍‌ଟିଇ ଆଇନ ଉଲ୍ଲଂଘନ**

**● ପଦକ୍ଷେପ ଗ୍ରହଣ କରିବାରେ ବିଫଳ ଜିଲ୍ଲା ପ୍ରଶାସନ**

ମାନଙ୍କ ପାଠ ପଢାରେ ଡୋରି ପକାଇ ଦେଉଛି। ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଥିବା ଆରଟିଇ ଆଇନ ଖୋଲାଖୋଲି ଉଲ୍ଲଂଘନ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାରେ ବିଫଳ ହୋଇଛି। ଯାହାକୁ ନେଇ ମାସା ଆର୍ମ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ରାଇରଙ୍ଗପୁର ସ୍ଥିତ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କରାଯାଇଛି। ଜିଲ୍ଲାର ବିଭିନ୍ନ ବେସରକାରୀ ସ୍କୁଲରେ ଆଇନକୁ ଉଲ୍ଲଂଘନ କରାଯାଉଛି। ୨୫ ପ୍ରତିଶତ କୋଟାରେ ଭର୍ତ୍ତି ହୋଇଥିବା ଗରିବ ଓ ଅସହାୟ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯାଇଥାଏ। ତେବେ ମାଗଣା ଶିକ୍ଷା ଦାନ ବଦଳରେ ବହି ଖର୍ଚ୍ଚ, ପୋଷାକ ଓ ଅନ୍ୟାନ୍ୟ ଖର୍ଚ୍ଚ ବାହାନା କରି ଅଭିଭାବକଙ୍କ ନିକଟରୁ ଘରୋଇ ଶିକ୍ଷାନୁଷ୍ଠାନମାନେ ଟଙ୍କା ଲୁଟୁଛନ୍ତି। ଯାହା ସମ୍ପୂର୍ଣ୍ଣ ଭାବେ ସରକାର ପ୍ରଦାନ କରିଥାନ୍ତି। ଏହା ସହିତ ଅନେକ ସ୍ଥାନରେ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଆସିବାକୁ ମନା କରିବା ସହ ମଧ୍ୟାହ୍ନ ଭୋଜନ ମଧ୍ୟ ଦିଆଯାଉନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷା ଦେବାକୁ ଆଇନ ଥିବା ସତ୍ତ୍ୱେ ଏପରି ଅନିୟମିତତା ଗରିବ ପରିବାରଙ୍କୁ ଅର୍ଥନୈତିକ ଚାପରେ ପକାଉଛି। ଏହା ଫଳରେ ଜଣେ ଗରିବ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ଅଧିକାରକୁ ରୋକ ଦେଉଛି। ଶିକ୍ଷା ବିଭାଗ ଅଧିକାରୀ ମାନେ ଜାଣିଥିଲେ ସୁଦ୍ଧା କୋଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ତେଣୁକରି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରାଯାଇଛି। ଅନିୟମିତତା ଉପରେ ଉଚ୍ଚସ୍ତରୀୟ ତଦନ୍ତ, ଅଭିଭାବକଙ୍କୁ ଗ୍ରହଣ କରାଯାଇଥିବା ଅର୍ଥ ଫେରସ୍ତ, ଆରଟିଇ ନିୟମ ଉଲଙ୍ଘନ କରୁଥିବା ସ୍କୁଲ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଛାତ୍ରଛାତ୍ରୀଙ୍କ ଠାରୁ ଆଗାମୀରେ କୌଣସି ଅର୍ଥ ଗ୍ରହଣ ବନ୍ଦ କରିବା ଓ ଅଭିଭାବକ ମାନଙ୍କୁ ସଚେତନ କରିବା ପାଇଁ ପ୍ରଶାସନୀୟ ବ୍ୟବସ୍ଥା ପାଇଁ ଦାବି ହୋଇଛି। ଏନେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କରିବେ ତେବେ ମାସା ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ରାମ ମୁର୍ମୁ, ମାସାଙ୍ଗ ମୁର୍ମୁ, ଲକ୍ଷ୍ମଣ ମାଝୀ, ଆନନ୍ଦ ସିର୍କା ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



